# ସଂକ୍ଷେପରେ

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀଙ୍କୁ ଜେଲ

**ରୂପ୍‌ସା,୨୧।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ମେଳକ ଗ୍ରାମର ଅରୂପାନନ୍ଦ ପ୍ରଧାନ ତାଙ୍କ ସ୍ତ୍ରୀ ଯାଜୋନିକାଙ୍କୁ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ମଙ୍ଗଳବାର ରାତିରେ ଏକ ମାମଲା (ନଂ. ୨୪୪/୨୦) ରୁଜୁ କରି ଆଇଆଇସି ଅଶୋକ କୁମାର ନାୟକ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛନ୍ତି। ଗତ ୨୦୧୮ ଜୁନ୍ ୨୦ ତାରିଖରେ ବସ୍ତା ଥାନା ଦାଣ୍ଡି ଗ୍ରାମର ପ୍ରଭୁରାମ ନାୟକଙ୍କ ଝିଅ ଯଜୋନିକାଙ୍କ ସହ ବୈଦିକ ରୀତିରେ ଅରୂପାନନ୍ଦଙ୍କ ବିବାହ ହୋଇଥିଲା। କିନ୍ତୁ କିଛି ଦିନ ପରେ ତାଙ୍କୁ ଯୌତୁକ ଜନିତ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା ବୋଲି ଏତଲାରେ ଦର୍ଶାଯାଇଛି। ଗତ ମଙ୍ଗଳବାର ଯଜୋନିକାଙ୍କୁ ପିଟିପିଟି ଫାଶୀରେ ଝୁଲାଇ ଦେଇଥିବା ତାଙ୍କ ମା’ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝିଅକୁ ବସ୍ତା ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଆଇଆଇସି ନାୟକ, ମାଜିଷ୍ଟ୍ରେଟ୍ ବସ୍ତା ତହସିଲଦାର କାର୍ତ୍ତିକ ଦାସଙ୍କ ଉପସ୍ଥିତିରେ ବୁଧବାର ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଯାଇଛି। ମୃତ ମହିଳାଙ୍କ ୧ ବର୍ଷର ଶିଶୁପୁତ୍ର ଅଛି।

## ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ

**ଭଣ୍ଡାରିପୋଖରୀ, ୨୧।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୀପ୍ତିରଞ୍ଜନ ସେନାପତିଙ୍କୁ ତାଙ୍କ ସମ୍ପର୍କୀୟମାନେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଦୀପ୍ତିରଞ୍ଜନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାରୁ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଆହାର କେନ୍ଦ୍ରରୁ ଏଲ୍‌ଇଡି ଟିଭି ଚୋରି

**ଯୋଡା, ୨୧।୧୦(ଡି.ଏନ୍.ଏ):** କେନ୍ଦୁଝର ଜିଲା ଯୋଡା ସହରର ସରକାରୀ ଡାକ୍ତରଖାନା ପ୍ରାଙ୍ଗଣ ନିକଟରେ ଥିବା ଆହାର କେନ୍ଦ୍ରରୁ ଦୁଇଗୋଟି ଏଲ୍ଇଡି ଟିଭି ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ଏନେଇ ଯୋଡା ଥାନା ଅଧିକାରୀ ରାଇସେନ ମୁର୍ମୁଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଯୋଡା ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ପୋଲିସ ଶହୀଦ ଦିବସ ପାଳିତ

**ପାଟଣା,୨୧।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଭାଲିଆ ଡାଳ ହାଇସ୍କୁଲ ଓ ମୁଖ୍ୟାଳୟ ସ୍ଥିତ ଜିଏନ ହାଇସ୍କୁଲ ସ୍ୱାମ ପାଟଣାଠାରେ ବୁଧବାର ପାଟଣା ପୋଲିସ ପକ୍ଷରୁ ଶହୀଦ ପୋଲିସ ଦିବସ ପାଳିତ ହୋଇଛି। ଏନେଇ ଭାଲିଆ ଡାଳ ହାଇସ୍କୁଲଠାରେ ଶହୀଦ ସଞ୍ଜୟ ଦାସଙ୍କୁ ପାଟଣା ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯିବା ସହ ତାଙ୍କର ସ୍ମୃତି ଚାରଣ କରାଯାଇଛି। ସୂଚନା ଯୋଗ୍ୟ ୨୦୧୭ ମସିହାରେ କୋରାପୁଟ ଜିଲା ସୁଙ୍କି ଘାଟିରେ ନକ୍ସଲଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ କନଷ୍ଟେବଳ ସଞ୍ଜୟ ଶହୀଦ ହୋଇଥିଲେ। ତାଙ୍କ ଘର କପୁଣ୍ଡି ପଞ୍ଚାୟତ ଚୁଟିଆ ପଶି ଗ୍ରାମରେ। ଅନୁରୂପ ଭାବେ ପାଟଣା ମୁଖ୍ୟାଳୟ ବଡ଼ ପାଟଣା ଗ୍ରାମର ସବ୍‌ଇନ୍ସପେକ୍ଟର କମଳାକାନ୍ତ ନାଏକ ବାଲେଶ୍ୱର ଜିଲା ସୋରରେ ଡ୍ୟୁଟିରେ ଥିବା ବେଳେ ମୃତ୍ୟୁବରଣ କରୁଥିବାରୁ ତାଙ୍କ ଉଦ୍ଦେଶ୍ୟରେ ଜି.ଏନ ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଉକ୍ତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସଞ୍ଜୟଙ୍କ ଭାଇ ବିଜୟ ଓ କମଳାଙ୍କ ବାପା ଶରତ ନାଏକ ଉପସ୍ଥିତ ରହିଥିଲେ। ପାଟଣା ଥାନାଧିକାରୀ ସୋମନାଥ ଜେନା, ଏସଆଇ ଭାଗିରଥି ସେଠୀ, ହାବିଲଦାର ବିଶ୍ୱନାଥ ସେଠୀ, କନଷ୍ଟେବଳ ରାମଚନ୍ଦ୍ର ହୋତା ପ୍ରମୁଖ ଉକ୍ତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଖଟିଆରେ ବୁହା ହେଉଛନ୍ତି ରୋଗୀ

**ପଦ୍ମପୁର,୨୧।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁରର ନିମପୁର ଗାଁ ବ୍ଲକ ଠାରୁ ୧୦ କି.ମି. ଦୂରରେ ଅବସ୍ଥିତ। ଗ୍ରାମରେ ୩୦ ଘର ବାସ କରୁଥିବା ବେଳେ ଲୋକସଂଖ୍ୟା ୨୦୦ରୁ ଊର୍ଦ୍ଧ୍ୱ। କୋଷ୍ଟକେନାଲ ଚାରବାଟିଆ ଗ୍ରାମ ଉନ୍ନୟନ ରାସ୍ତାଠାରୁ ୧୧ କିମି ଦୂର ଏହି ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଫଳରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆଣ୍ଠୁଏ କାଦୁଅରେ ପଶି ଯାତାୟାତ କରୁଛନ୍ତି। କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସ ଆସିପାରୁନାହିଁ କିମ୍ବା କାହା ଘରେ ନିଆଁ ଲାଗିଲେ ଦମକଳ ଆସିବା ସମ୍ଭବ ହେଉନି। ରୋଗୀଙ୍କୁ ଖଟିଆରେ ନ ନେଲେ ସାଙ୍ଗୀଭାରରେ ବୋହୁଛନ୍ତି ଲୋକେ। ସାହିଠାରୁ ୧ କି.ମି ଦୂର ଅଙ୍ଗନୱାଡ଼ିକୁ



ଖଟିଆରେ ବୁହା ହେଉଛନ୍ତି ରୋଗୀ ।

ପିଲାମାନେ ବିଲରେ ପଶି ଯାଉଛନ୍ତି। ବର୍ଷାଦିନ ଆସିଲେ ଦୁର୍ଦ୍ଦଶା ବଳି ପଡ଼ୁଛି। ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଗ୍ରାମର ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ।

### ଗାଁକୁ ନାହିଁ ସବୁଦିନିଆ ରାସ୍ତା

ଫଳରେ ଅଞ୍ଚଳବାସୀ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଗାଁକୁ ସବୁଦିନିଆ ରାସ୍ତା ତିଆରି କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଶମ୍ଭୁନାଥ ରାଉତ, ଅର୍ଜୁନ ଚରଣ ନାୟକ, ଗଜେନ୍ଦ୍ର ନାୟକ, ଧନେଶ୍ୱର ମହାନ୍ତି, ହରିହର ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବୁଧିରାମ ସେଠୀଙ୍କୁ ପଚାରିବାରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରକଳ୍ପ ଦିଆଯାଇଥିବା ବେଳେ ରାସ୍ତା ମଞ୍ଜୁରୀ ହେଲେ ନିର୍ମାଣ ଆରମ୍ଭ ହେବ ବୋଲି କହିଛନ୍ତି।



ଆଖଣ୍ଡଳମଣି ପୀଠରେ ମା’ ଦୁର୍ଗାଙ୍କ ଭୁବନେଶ୍ୱରୀ ବେଶ।

# ବ୍ୟାଙ୍କ ଠକେଇ: ଥାନାରେ ଅଭିଯୋଗ କଲେ କୃଷକ

**ସିମୁଳିଆ,୨୧।୧୦(ଡି.ଏନ.ଏ.)**

ଅନଲାଇନ ପରେ ଅଫ୍‌ଲାଇନ୍ ଠକେଇ ଉଭୟ ଉପଭୋକ୍ତା ଓ ପ୍ରଶାସନ ଅଧିକାରୀଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଏହିପରି ଏକ ଠକେଇର ଶିକାର ହୋଇଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ସୁଙ୍ଗୁଡା ଅଞ୍ଚଳର ୬୦ବର୍ଷୀୟ ଚାଷୀ ଗୋପାଳକୃଷ୍ଣ ବାରିକ। ଏ ସମ୍ପର୍କରେ ବୁଧବାର ସିମୁଳିଆ ଥାନାରେ ଅଭିଯୋଗ ହୋଇଛି ।

ପ୍ରକାଶ ଯେ, ଗୋପଳ କୃଷ୍ଣଙ୍କ ପୁଅ ବାଙ୍ଗାଲୋରରୁ ତାଙ୍କ ନିକଟକୁ ୧୮ହଜାର ଟଙ୍କା ପଠାଇଥିଲେ। ଗତ ୧୫।୯।୨୦ରେ ଗୋପାଳକୃଷ୍ଣ ଏହି ଟଙ୍କା ଉଠାଇବା ପାଇଁ



ନିଜ ବ୍ୟାଙ୍କ ପାସ୍‌ବୁକ ଦେଖାଉଛନ୍ତି ଗୋପାଳକୃଷ୍ଣ।

ଜାମୁଝାଡ଼ି ଅଞ୍ଚଳରେ ଥିବା ଏକ ବ୍ୟାଙ୍କକୁ ଯାଇଥିଲେ। ତେବେ ସେଠାରେ ତାଙ୍କ ନିକଟରୁ ଦୁଇଟି ରସିଦରେ ଦସ୍ତଖତ ନିଆଯାଇ ୮ହଜାର ଟଙ୍କା ଦିଆଯିବା ପରେ ଆଉ ୧୦ହଜାର ଟଙ୍କା ଉଠୁନ ଥିବାରୁ ପରେ ନିଆଯିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ତେବେ ପର ଦିନ ବ୍ୟାଙ୍କ ଖାତା ଅପ୍‌ଡେଟ କରିବାରୁ ସମ୍ପୂର୍ଣ୍ଣ ଟଙ୍କା ଉଠାଣ କରାଯାଇଥିବାର ଜଣାପଡ଼ିଥିଲା। ଏ ସମ୍ପର୍କରେ ଗୋପାଳ ବ୍ୟାଙ୍କ ଅଧିକାରୀଙ୍କୁ ପଚାରିବା ସହିତ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ବାରମ୍ବାର ଦୌଡ଼ିବା ପରେ କୌଣସି ସୁଫଳ ନ ପାଇବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଉକ୍ତ ବ୍ୟାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପର୍ଶୁରାମ ସାହୁ ସୂଚନା ଦେଇଛନ୍ତି।

# ଚୋରା ମଦ ବେପାରୀ ଗିରଫ

**ରୂପ୍‌ସା,୨୧।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ରୂପ୍‌ସା-ବୈଶିଙ୍ଗା ରାସ୍ତାର ହବିଗଞ୍ଜ ଛକ ଠାରେ ବୁଧବାର ପୋଲିସ ଚଢ଼ାଉ କରି ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୈଶିଙ୍ଗା ଥାନା ଡାହିସାହି ଗ୍ରାମର ରଣଜିତ ସିଂ। ସେ ତାଙ୍କର ବାଇକ୍ ଯୋଗେ ୧୦୦ଲିଟର ଦେଶୀ ମହୁଲି ମଦ ନେଇ ଯାଉଥିଲେ। ଥାନାଧିକାରୀ କମଳାକାନ୍ତ ଦାସ ଖବର ପାଇ ସଦଳବଳ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବାଇକ୍ ଓ ମଦ ଜବଦ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୯୧/୨୦) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# କୋର୍ଟରେ ହାଜର ହେଲେ ଦୀପକ ଗୁପ୍ତା

**କେନ୍ଦୁଝର, ୨୧।୧୦ (ସ୍ୱ.ପ୍ର./ ଡି.ଏନ.ଏ.)**

ଉଲିବୁରୁ ଖଣି ମହାଦୁର୍ନୀତିର ଅଭିଯୁକ୍ତ ଦୀପକ ଗୁପ୍ତା ଅନ୍ତରିଣ ଜାମିନ ସର୍ତ୍ତ ଅନୁଯାୟୀ ବୁଧବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ହୋଇଛନ୍ତି। ପୂର୍ବରୁ ସେ ୧ ମାସ ଅନ୍ତରୀଣ ଜାମିନ ପାଇବା ପରେ ଜେଲକୁ ଯାଇଥିଲେ। ଏହାପରେ ତାଙ୍କୁ ପୁଣି ୩ମାସ ପାଇଁ ଅନ୍ତରୀଣ ଜାମିନ ହାଇକୋର୍ଟ ପକ୍ଷରୁ ଆଦେଶ ପାଇ ଅଛନ୍ତି। କୋଭିଡ ପାଇଁ ଶୁଣାଣି ହୋଇପାରୁନାହିଁ ଏବଂ ୧୪୦ଜଣ ସାକ୍ଷୀ କୋର୍ଟକୁ ଆସିପାରୁ ନ ଥିବାବେଳେ କୋର୍ଟ ନିୟମିତ ହୋଇ ପାରୁନାହିଁ। ଏହାକୁ ବିଚାର କରି ସ୍ୱାସ୍ଥ୍ୟଗତ କାରଣ ପାଇଁ କୋର୍ଟ ଅନ୍ତରିଣ ଜାମିନ ପ୍ରଦାନ କରଥିଲେ। ଜାମିନ ସମୟରେ ନିୟମିତ କୋର୍ଟ ଆଦେଶ ମାନି ଅକ୍ଟୋବର ୧, ୩ ,୫ ଓ ୨୧ ତାରିଖରେ ଶୁଣାଣି ପାଇଁ ହାଜର ହୋଇଥିଲେ। ଇତିମଧ୍ୟରେ କେସ ଫଇସଲା ହେବା ପୂର୍ବରୁ ଦୀର୍ଘ ୭ବର୍ଷରୁ ଅଧିକ ସମୟ ଜେଲରେ କଟାଇ ସାରିଲେଣି। ସେହିପରି କୋର୍ଟରେ ସମସ୍ତ ସର୍ତ୍ତକୁ ପାଳନ କରି ନିର୍ଦ୍ଧାରିତ ସମୟରେ କୋର୍ଟରେ ହାଜର ହୋଇଛନ୍ତି। ଏଣୁ ତାଙ୍କୁ ସ୍ଥାୟୀ ଜାମିନ ଦେବା ଉଚିତ ବୋଲି ତାଙ୍କ ଓକିଲ ଦାବି କରିଛନ୍ତି ।

# ଡ୍ରାଇଭରଙ୍କୁ ମାଡ଼ ମାରି ଜଣେ ଗିରଫ

**ଭଦ୍ରକ ଅଫିସ, ୨୧।୧୦**

ଭଦ୍ରକ ଡିଆର୍‌ଡିଏ କାର୍ଯ୍ୟାଳୟର କାର୍ଯ୍ୟରତ ଡ୍ରାଇଭରଙ୍କୁ ମାଡ଼ ମାରି ସେହି କାର୍ଯ୍ୟାଳୟର ପ୍ରୋଗ୍ରାମ କୋର୍ଡିନେଟର୍ ଟାଉନ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ଏନେଇ ଟାଉନ ଥାନାରେ ସଦର ଏସ୍‌ଡିପିଓ ସାର୍ଥକ ରାୟ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଅଭିଯୋଗରୁ ମିଳିଥିବା ସୂଚନା ମୁତାବକ ଉକ୍ତ ଡ୍ରାଇଭର ଜଣଙ୍କୁ ପ୍ରୋଗ୍ରାମ କୋର୍ଡିନେଟର୍ ସନ୍ଦୀପ ମହାନ୍ତି ବିଭିନ୍ନ ସମୟରେ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରୁଥିଲେ। ଏପରିକି ତାଙ୍କୁ ନିକଟରେ ମାଡ଼ ମାରିଥିବା ଅଭିଯୋଗ କରିଥିଲେ। ପୋଲିସ ଏନେଇ ହରିଜନ ସୁରକ୍ଷା ଅଧିନିୟମ ମୁତାବକ ଏକ ମାମଲା(ନଂ ୩୧୮/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ଅମ୍ଫନ କ୍ଷୟକ୍ଷତିର ତଦନ୍ତ କଲା ଭିଜିଲାନ୍ସ

**ଭଦ୍ରକ ଅଫିସ, ୨୧।୧୦**

ଭଦ୍ରକ ବ୍ଲକ କୋଡ଼ବରୁଆଁ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅମ୍ଫନ ସମୟର କ୍ଷୟକ୍ଷତି ଓ ଉନ୍ନତିମୂଳକ କାର୍ଯ୍ୟର ବୁଧବାର ଭିଜିଲାନ୍ସ ଟିମ୍ ତଦନ୍ତ କରି ଫେରିଛି। ଏହି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅମ୍ଫନ ସମୟରେ କ୍ଷୟକ୍ଷତି ହୋଇଥିବା ଦର୍ଶାଯାଇ ସରକାରୀ ଅନୁଦାନ ଅଣାଯାଇଥିଲା। ତେବେ ଉକ୍ତ ସ୍ଥାନ ଗୁଡ଼ିକରେ ସରକାରୀ ଟଙ୍କା ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରାଯାଇ ଆତ୍ମସାତ୍ କରାଯାଇଥିବା ନେଇ ନିର୍ଦ୍ଦିଷ୍ଟ ଭାବେ ଭିଜିଲାନ୍ସ ନିକଟରେ ଅଭିଯୋଗ ହେବା ପରେ ବୁଧବାର ଭଦ୍ରକ ଡିଏସ୍‌ପି ଦୁର୍ଗାଚରଣ ମୁର୍ମୁ ଓ ତାଙ୍କ ଟିମ୍ ଗାଁରେ ପହଞ୍ଚି ସରକାରୀ ଅନୁଦାନ କିଭଳି ଖର୍ଚ୍ଚ ହୋଇଛି ଓ ଅମ୍ଫନ ସମୟରେ କିଭଳି କ୍ଷତି ହୋଇଥିଲା ତାହା ଅନୁଧ୍ୟାନ କରି ଫେରିଛନ୍ତି।

## ବାଲେଶ୍ୱର ଉପନିର୍ବାଚନ

# ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ



ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପଦଯାତ୍ରାରେ ଯାଉଛନ୍ତି।

**ବାଲେଶ୍ୱର ଅଫିସ,୨୧।୧୦**

ବାଲେଶ୍ୱରର ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଭାଜପାର ଷ୍ଟାର ପ୍ରଚାରକ ତଥା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଉପ ନିର୍ବାଚନ ଲାଗି ବୁଧବାର ପୂର୍ବାହ୍ନରେ ରାଜ୍ୟସଭାପତି ମହାନ୍ତି ଫାଣ୍ଡି ଛକରୁ ପଦଯାତ୍ରା ଆରମ୍ଭ କରି ନୂଆବଜାର ହୋଇ ଝାଡ଼େଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ପଦଯାତ୍ରା ସମୟରେ ଜନସାଧାରଣଙ୍କ ସହିତ ଚର୍ଚ୍ଚା କଲାବେଳେ କହିଥିଲେ ଯେ, ବାଲେଶ୍ୱରର ଅର୍ଥନୈତିକ ବିକାଶ ନିମନ୍ତେ ମୋଦି ସରକାରଙ୍କ ତତ୍ପରତା ପ୍ରଣିଧାନ ଯୋଗ୍ୟ। ୧୬ନଂ. ଜାତୀୟ ରାଜପଥର ଭଦ୍ରକ -ବାଲେଶ୍ୱର ଅଂଶକୁ ୬ ଲେନ୍ ବିଶିଷ୍ଟ କରିବା ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ ସରିଛି। ବାଲେଶ୍ୱର ହିଡ଼ି ଗାଆଁରେ ଅଶୋଧିତ ତୈଳ ପାଇପ୍ ଲାଇନ୍‌ର ପମ୍ପ ଷ୍ଟେଶନ ଏବଂ ୪୦୦ କୋଟି ଟଙ୍କା ବିନିଯୋଗରେ ୭୧୦ କି.ମି ଦୈର୍ଘ୍ୟ ବିଶିଷ୍ଟ ପାରାଦ୍ୱୀପ-ହଳଦିଆ-ଦୁର୍ଗାପୁର ଏଲପିଜି ପାଇପ୍‌ଲାଇନ୍‌ର ଡେଲିଭରି ଷ୍ଟେଶନ ବାଲେଶ୍ୱରଠାରେ ସ୍ଥାପିତ ହୋଇଥିବାରୁ ତାହା ସେ ଅଞ୍ଚଳର ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି କହିଥିଲେ। ଏହି ପଦଯାତ୍ରାରେ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ପର୍ଶୁରାମ ବେହେରା, ସୀତାକାନ୍ତ ସ୍ୱାଇଁ, ଶିପ୍ରା ବାଜପେୟୀ, ଶୋଭନା ମହାନ୍ତି, କମଳା ବିନ୍ଧାଣୀ, ସୁଷମା ରାଣୀ ବିଶ୍ୱାଳ, ପିଙ୍କି ପ୍ରଧାନ, ସରୀତା ଗିରି, ହରପ୍ରିୟା ସାହୁ, ସରୋଜ ହାଜରା ଓ ହରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ।

ସେହିପରି ଅପରାହ୍ନରେ ବରଗଡ଼ ଏମ୍ପି ସୁରେଶ ପୁଝାରୀ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଜିଲାର ପଞ୍ଚାୟତିରାଜ ଓ ପୌରସଂସ୍ଥାରେ ବ୍ୟାପକ ଅନିୟମିତତା କାରଣରୁ ଜନସାଧାରଣ ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ନିକଟରେ ବିଧାନସଭାରେ

### ଭାଜପା ଷ୍ଟାର ପ୍ରଚାରକଙ୍କ ପ୍ରତିଶ୍ରୁତି

ଉପସ୍ଥାପିତ ହୋଇଥିବା ଲୋକାଲ ଫଣ୍ଡ ଅଡିଟ୍ ତଥ୍ୟକୁ ଆଧାର କରି ଅଭିଯୋଗ ସେ କରିଥିଲେ ଯେ, ଜିଲାର ଉଭୟ ପଞ୍ଚାୟତ ଓ ପୌର ସଂସ୍ଥା ପାଉଥିବା ଅନୁଦାନ ଓ ଅନ୍ୟାନ୍ୟ ସମ୍ବଳକୁ ଖର୍ଚ୍ଚ କରିପାରୁ ନାହାନ୍ତି। ସେଥିପାଇଁ ବିଭିନ୍ନ ବିଭାଗୀୟ ଜମାଖାତାରେ କୋଟି କୋଟି ଟଙ୍କା ପଡ଼ି ରହିଛି। ଯାହାଫଳରେ ଲୋକମାନେ ଜନହିତକର ଯୋଜନାରୁ ବଞ୍ଚିତ ରହୁଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ସୁବ୍ରତ ପଣ୍ଡା ଓ ବିରଞ୍ଚିନାରାୟଣ ତ୍ରିପାଠୀ, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଉପସ୍ଥିତ ଥିଲେ।

# ନିର୍ବାଚନ ମଇଦାନରେ ୯୧ ବର୍ଷୀୟ ବେଣୁଧର

**ବାଲେଶ୍ୱର ଅଫିସ**

ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀର ଉପ-ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି ୯୧ ବର୍ଷୀୟ ବେଣୁଧର ବାରିକ। ସାରାଜୀବନ ବସ୍ତିବାସିନ୍ଦାଙ୍କ ସମସ୍ୟା ସମାଧାନ ଲାଗି ଚେଷ୍ଟା ଚଳାଇଆସିଥିବା ବେଣୁଧର ପରିଣତ ବୟସରେ ନିର୍ବାଚନମଣ୍ଡଳୀର ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ନିର୍ବାଚନକୁ ଓହ୍ଲାଇଛନ୍ତି। ଚଳିତ ଉପ-ନିର୍ବାଚନରେ ଯେଉଁ ୬ଜଣ ପ୍ରାର୍ଥୀ ଲଢୁଛନ୍ତି, ସେମାନଙ୍କ ମଧ୍ୟରୁ ବେଣୁଧର ସବୁଠୁ ବୟସ୍କ ଓ ଗରିବ ପ୍ରାର୍ଥୀ। ବାଲେଶ୍ୱର ସହରରେ ଜଣେ ବସ୍ତିବାସିନ୍ଦାଙ୍କ ନେତା ଭାବେ ସେ ଜଣାଶୁଣା। ନିର୍ବାଚନ ପ୍ରଚାର ପାଇଁ ସାଇକେଲଟି ତାଙ୍କର ଭରସା। ଅର୍ଥର ସମ୍ବଳ ନାହିଁ। ତଥାପି ବିଜୟୀ ହେବାକୁ ସେ ଆଶା ବାନ୍ଧିଛନ୍ତି। ସୋସିଆଲ ମିଡ଼ିଆରେ ଏହି ଘଟଣା ଭାଇରାଲ ହେବା ପରେ କେତେକ ବଦାନ୍ୟ ବ୍ୟକ୍ତି ତାଙ୍କୁ ଆର୍ଥିକ




ସ୍ୱାଧୀନ ପ୍ରାର୍ଥୀ ବେଣୁଧରଙ୍କ ପ୍ରଚାର।

ସହାୟତା ସହ ତାଙ୍କର ମନୋବଳକୁ ସ୍ୱାଗତ କରିଥିବା ଆଲୋଚନା ହେଉଛି।

ପିଲାଟି ବେଳୁ ବେଣୁଧର ଦେଶସେବା ପାଇଁ ନିଜକୁ ଉତ୍ସର୍ଗ କରିଛନ୍ତି। ୧୩ ବର୍ଷ ବୟସରେ ଭାରତଛାଡ଼ ଆନ୍ଦୋଳନରେ ସେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ କମ୍ୟୁନିଷ୍ଟ (ସିପିଆଇ) ନେତାଙ୍କ ସଂସ୍ପର୍ଶରେ ଆସିଲେ। ଏହାପରେ ନିଜକୁ ସେ ଜଣେ କମ୍ୟୁନିଷ୍ଟ ନେତା ଭାବେ ଗଢ଼ି ତୋଳିଥିଲେ। ତାଙ୍କ ନେତୃତ୍ୱରେ ଅତୀତରେ ବାଲେଶ୍ୱର ବହୁ ବସିବାସିନ୍ଦାଙ୍କୁ ଜମି ପଟ୍ଟା ମିଳିଛି। ଏସବୁ ସତ୍ତ୍ୱେ ଜୀବନ ତମାମ ଅର୍ଥ, ପ୍ରାଚୁର୍ଯ୍ୟ ଠାରୁ ସେ ନିଜକୁ ବହୁ ଦୂରରେ ରଖିଛନ୍ତି। ଏବେବି ଆଜ୍‌ବେଷ୍ଟସ ଛପର ମାଟି ଘରେ ସେ ରହୁଛନ୍ତି। ଖଣ୍ଡେ ଭଙ୍ଗା ସାଇକେଲ, ଖଣ୍ଡେ ପଞ୍ଜାବୀ, ଦୁଇଟା ନାଳି ଗାମୁଛାରେ ସେ ଖୁସିରେ ଅଛନ୍ତି। ଖିଅର କରିବା ତାଙ୍କ କୌଳିକ ବୃତ୍ତି। ତାଙ୍କ ପାଖକୁ ଖିଅର ହେବାକୁ ଆସୁଥିବା ଲୋକଙ୍କୁ ଭୋଟ୍ ପାଇଁ ନିବେଦନ କରୁଛନ୍ତି। ନିର୍ବାଚନରେ ଲଢ଼ିବା ପାଇଁ ଆବଶ୍ୟକ ଅର୍ଥ ପୈଠ କରିବାକୁ ତାଙ୍କର ସମ୍ବଳ ନ ଥିଲା। ଏଥିପାଇଁ କେତେକ ଯୁବକ ତାଙ୍କୁ ସହାୟତା ପ୍ରଦାନ କରିଥିବା କଥା ସେ ପ୍ରକାଶ କରିଛନ୍ତି। କେତେକ ଶିକ୍ଷିତ ଯୁବକ ତାଙ୍କୁ ସମର୍ଥନ କରୁଛନ୍ତି। ସେମାନଙ୍କ ସାହସରେ ନିର୍ବାଚନରେ କେଟ୍‌ଲି ଚିହ୍ନ ପାଇ ଲଢୁଛନ୍ତି।

ସ୍ୱାଧୀନ ପ୍ରାର୍ଥୀ ବେଣୁଧର କହନ୍ତି, ବସ୍ତିବାସିନ୍ଦା ସଂଘ ପାଇଁ ବିଧାୟକ ପ୍ରାର୍ଥୀ ହେଲି। ଶ୍ରମିକ ଖଟିଖିଆଙ୍କ ସମସ୍ୟାକୁ କେହି ଆନ୍ତରିକତାର ସହ ନେଇ ନ ଥାନ୍ତି। କେବଳ ପ୍ରତିଶ୍ରୁତିରେ ନିର୍ବାଚନ ବୈତରଣୀ ପାରହୋଇଥାନ୍ତି। କିନ୍ତୁ ବସ୍ତିଲୋକଙ୍କ ଭାଗ୍ୟ ସେହିଭଳି ଦୁର୍ଦ୍ଦଶାରେ ଗତି କରିଥାଏ। ତେଣୁ ବାଧ୍ୟ ହୋଇ ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ପାଇଁ ଏ ବୟସରେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ସେ କହିଛନ୍ତି।

# ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା ନେତା

**ବାଲେଶ୍ୱର ଅଫିସ**

ବାଲେଶ୍ୱର ନିର୍ବାଚନମଣ୍ଡଳୀର ଉପ-ନିର୍ବାଚନ ଆସନ୍ତା ନଭେମ୍ବର ୩ ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନ ଯେତିକି ପାଖେଇ ଆସୁଛି ନେତା, ମନ୍ତ୍ରୀ ଓ ଭୋଟରଙ୍କ ମଧ୍ୟରେ ଉଷ୍ମତା ବଢ଼ି ଚାଲିଛି। ବିଜେଡି, ଭାଜପା ଓ କଂଗ୍ରେସ ଦଳ ପ୍ରଚାର ସମେତ ପ୍ରମୁଖ ନେତାମାନଙ୍କୁ ଦଳରେ ସାମିଲ କରି ଶକ୍ତି ବୃଦ୍ଧି କରିବାରେ ଲାଗିପଡ଼ିଛନ୍ତି। ସହରର ପାଣିଚାଙ୍କି ସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ବୁଧବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ଏକ ମହାମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୧୯ ବିଧାନସଭା ନିର୍ବାଚନରେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ହୋଇଥିବା ମାନସ ଦାସ ପଟ୍ଟନାୟକ ଓ ଆଗଧାଡ଼ିର ଭାଜପା ନେତ୍ରୀ ହେମଲତା ବେହେରା ଏହି କାର୍ଯ୍ୟକ୍ରମରେ




ବିଜେଡିରେ ଯୋଗ ଦେଇଥିବା ଅନ୍ୟଦଳର ନେତାଙ୍କୁ ସ୍ୱାଗତ କରାଯାଉଛି।

ବିଜେଡିରେ ଯୋଗଦେଇଥିଲେ। ମିଶ୍ରଣ ସମାବେଶରେ ପଞ୍ଚାୟତିରାଜ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟ ଉପସଭାପତି ଦେବୀ ମିଶ୍ର, ଜିଲାସଭାପତି ତଥା ପୂର୍ବତନ ଏମ୍ପି ଇଂ.ରବୀନ୍ଦ୍ର କୁମାର ଜେନା, ଟାଉନ୍ ସଭାପତି ସନତ ଦାସଙ୍କ ସମେତ ବହୁ ନେତା ନବାଗତ ନେତା ଓ ନେତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ସେହିପରି ଶ୍ରମିକ ନେତା ଅରୁଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ନିର୍ମାଣ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ରାଜ୍ୟସରକାର ଶ୍ରମିକମାନଙ୍କ ପ୍ରତି ପ୍ରଣୟନ କରିଥିବା ସମସ୍ତ ସହାୟତା ସମ୍ପର୍କରେ ତଥ୍ୟ ଉତ୍ଥାପନ କରିବା ସହ ଆଗାମୀ ଉପ-ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ପାଟଣା,(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ନମ୍ବର ଜାତୀୟ ରାଜପଥର ଭାରତ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ରାତିରେ ଜଣେ ଯୁବକଙ୍କ ଉପରେ ଅଜଣା ଟ୍ରକ ମାଡି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ କଇଣ୍ଡା ଗ୍ରାମର ରତି ରଞ୍ଜନ ବେହେରା। ଖବର ପାଇ ତୁରୁମୁଙ୍ଗା ଥାନାଧିକାରୀ ସୁଶାନ୍ତମଣି ମହାନ୍ତି ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ସଂକ୍ଷେପରେ

## କୋଭିଡ୍ କଟକଣା ମାନି ପୂଜା କରାଯିବ

**ଢେଙ୍କିକୋଟ,୨୧।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ତହସିଲ ଅଧୀନରେ ଥିବା ଦୁର୍ଗା ମଣ୍ଡପ ଗୁଡିକର କର୍ମକର୍ତ୍ତାମାନଙ୍କୁ ନେଇ ଘଟଗାଁ ତହସିଲଦାର ଜନକ କୁମାର ନାୟକ ବୈଠକ ଡାକିଥିଲେ। ଘଟଗାଁ ଏବଂ ଢେଙ୍କିକୋଟ ଠାରେ ଥିବା ଦୁର୍ଗା ପୂଜା ମଣ୍ଡପ ଗୁଡିକରେ କୋଭିଡ୍ ନିୟମ ମାନି ପୂଜା ପାଳନ କରାଯିବ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ। ଘଟଗାଁ ତହସିଲଦାର କାର୍ଯ୍ୟାଳୟରେ ଢେଙ୍କିକୋଟ ଶାରଦୀୟ ଦୁର୍ଗାପୂଜା ଦେବୀ ମଣ୍ଡପ କମିଟିର ସମ୍ପାଦକ ଶତ୍ରୁଘ୍ନ ସାହୁ, ସକ୍ରିୟ ସଦସ୍ୟ ଲଲାଟେନ୍ଦୁ ସାହୁ(କୁନା) ଏବଂ ଶ୍ରୀ ଦୁର୍ଗା ପୂଜା ମଣ୍ଡପ କମିଟିର ସଭାପତି ଅମର ସିଂ ସମ୍ପାଦକ ସନ୍ତୋଷ କୁମାର ଶତପଥୀ ଓ ଘଟଗାଁ ଦୁର୍ଗାପୂଜା କମିଟିର ସଭାପତି ତଥା ମା ତାରିଣୀ ଟ୍ରଷ୍ଟ ବୋର୍ଡର ସଭାପତି ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ସମେତ ଖବରଦାତା ନୀଳମଣି ମଣ୍ଡଳ ଉପସ୍ଥିତ ଥିଲେ। ତହସିଲଦାର ଜନକ କୁମାର ନାୟକ ବୈଠକ ପରିଚାଳନା କରିଥିଲେ। ପୂଜା ମଣ୍ଡପ ଗୁଡିକରେ ପୂଜା ପାଳନ କରିବା ପାଇଁ ରାଜ୍ୟ ସରକାର ଏବଂ ଜିଲାପାଳଙ୍କ ନିୟମକୁ ମାନି ଶାନ୍ତି ଶୃଙ୍ଖଳାର ସହ ପୂଜା କରିବା ପାଇଁ ଉପଦେଶ ଦେଇଥିଲେ।

## ଆର୍ଥିକ ସଙ୍କଟରେ ସାଉଣ୍ଡ, ଲାଇଟ୍ କର୍ମଚାରୀ

**କେନ୍ଦୁଝର, ୨୧।୧୦ (ସ୍ୱ.ପ୍ର.):** କୋଭିଡ ମହାମାରୀ ଯୋଗୁଁ ପୂଜାପାର୍ବଣ, ସାଂସ୍କୃତିକ କାର୍ଯକ୍ରମ ତଥା ମେଳାମହୋତ୍ସବ ଠପ ହୋଇଯାଇଛି। ଫଳରେ ଏହା ଉପରେ ନିର୍ଭରଶୀଳ ଜିଲାର ସମସ୍ତ ସାଉଣ୍ଡ, ଲାଇଟ ଆଦି କ୍ଷୁଦ୍ର ବ୍ୟବସାୟୀ ତଥା କର୍ମଚାରୀଙ୍କ ଗୁଜୁରାଣ ବନ୍ଦ ହୋଇଯାଇଛି। ସରକାରଙ୍କ କୋଭିଡ ନିୟମକୁ ମାନି ସମସ୍ତ ସାଉଣ୍ଡ ଓ ଲାଇଟ ମାଲିକ ନିଜ ନିଜ ବ୍ୟବସାୟକୁ ବନ୍ଦ କରିଦେବା ଫଳରେ ଶତାଧିକ ପରିବାର ଆର୍ଥିକ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଜିଲାରେ ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହା ଉପରେ ନିର୍ଭରଶୀଳ ୨୦୦୦ରୁ ଉର୍ଦ୍ଧ୍ୱ ପରିବାର ସିଧାସଳଖ କ୍ଷତିଗ୍ରସ୍ତ ହୋଇଥିବାରୁ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଆଗକୁ ବିବାହ ଋତୁ ଆସୁଥିବାରୁ କଟକଣା ନ ହଟିଲେ ସେମାନେ କାମ ପାଇବେ ନାହିଁ। ଏଣୁ ଏନେଇ କଟକଣାରେ କୋହଳ କରିବାକୁ ମଙ୍ଗଳବାର ଜିଲାପାଳଙ୍କ ପାଖରେ ଲିଖିତ ନିବେଦନ କରିଛନ୍ତି।

## ପୋଲିସ ଶହୀଦ ଦିବସ

**ବାରିପଦା ଅଫିସ,୨୧।୧୦:** ବାରିପଦା ରିଜର୍ଭ ପୋଲିସ ପଡ଼ିଆରେ ମୟୂରଭଞ୍ଜ ପୋଲିସ ପ୍ରଶାସନ ପକ୍ଷରୁ ଅମର ଯବାନଙ୍କ ନିମନ୍ତେ ୬୧ତମ ପୋଲିସ ଶହୀଦ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ମୃତି ଚାରଣ କରିଥିଲେ। ଏସ୍‌ପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ୩ କାଠ ମାଫିଆ ଗିରଫ

**ପାଟଣା,୨୧।୧୦(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ମାଛଗଡ଼ ସାଉଥ ବିଟ ରାୟପୁର ଗ୍ରାମ ରଘୁସାହି ଖେସେରା ଜଙ୍ଗଲରେ ବୁଧବାର ବେଆଇନ ଭାବରେ ୩ଜଣ ଲୋକ ଗଛ କାଟୁଥିବା ବେଳେ ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗ ପହଞ୍ଚି କାଠ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଇଶ୍ରାଏଲ ଆନସାରି, ସାଫାଉଲ ଆନସାରି ଓ ବାହାରୁଦ୍ଦିନ ଆନସାରୀ। ଏମାନଙ୍କ ଠାରୁ ୨୬ଖଣ୍ଡ ଶାଳ କାଠ କଟାରେ ବ୍ୟବହୃତ କରତ ଓ ଟାଙ୍ଗିଆକୁ ବନ ବିଭାଗ ଜବତ କରିଥିବା ପାଟଣା ରେଞ୍ଜର ପବିତ୍ର ମୋହନ ନାଏକ କହିଛନ୍ତି। ପାଟଣା ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲରେ ଝାଡ଼ଖଣ୍ଡି କରତିଆ ମାନେ ଅବାଧରେ କାଠ କାଟୁଥିବା ବେଳେ ଏମାନଙ୍କୁ ନିୟୋଜିତ କରିଥିବା କାଠ ମାଫିଆ ମାନେ ଗଳା ବାଟ ଦେଇ ଖସିଯାଉଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ବ୍ଲକ୍ ପରିସରରୁ ବାଇକ୍ ଚୋରି

**ବାସୁଦେବପୁର, ୨୧।୧୦(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପରିସରରୁ ବ୍ଲକର ଚତୁର୍ଥ ଶ୍ରେଣୀ କର୍ମଚାରୀ(ପିଅନ) ପ୍ରଶାନ୍ତ କୁମାର ବାଗଙ୍କର ବାଇକ୍(ନଂ ଓଡି ୨୨ ଜେ ୩୭୮୪) କୁ କେହି ବ୍ୟକ୍ତି ଚୋରି କରି ନେଇଛନ୍ତି। ଏନେଇ ସେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ରୁପା ବଦଳରେ ଜରି ମୁକୁଟ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୨୧।୧୦**

କେନ୍ଦୁଝର ଡେଲି ମାର୍କେଟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଦୀର୍ଘ ୫୫ ବର୍ଷ ହେଲା ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ତେବେ ବିନା ଭକ୍ତ, ବାଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଚଳିତ ବର୍ଷ ଏହି ପୂଜା ଆୟୋଜନ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେବେ ମୂର୍ତ୍ତିର ଉଚ୍ଚତା ହ୍ରାସ କରାଯାଇ ୪.୫ ଫୁଟ୍ ରଖାଯାଇଥିବାରୁ ପୂର୍ବ ଭଳି ମେଢ଼ ଓ ସାଜସଜ୍ଜା ହୋଇ ପାରିବ ନାହିଁ। ପୂର୍ବରୁ ମେଢ଼ର ଉଚ୍ଚତା ପାଖାପାଖି ୧୪ ଫୁଟ୍ ରହୁଥିଲା ଏବଂ ମୂର୍ତ୍ତିର ଉଚ୍ଚତା ପାଖାପାଖି ୯ ଫୁଟ୍ ରହୁଥିଲା। ଏଣୁ ଚଳିତ ବର୍ଷ ଦେବୀ ରୁପା ମୁକୁଟ ବଦଳରେ ଜରି ମୁକୁଟ ପିନ୍ଧିବେ ବୋଲି କମିଟି ପକ୍ଷରୁ କୁହାଯାଇଛି।


ମୂର୍ତ୍ତିରେ ରଙ୍ଗ ଦିଆଚାଲିଛି।

ବଡ଼ ମୂର୍ତ୍ତି ନିର୍ମାଣ କରିବା ସୁବିଧା ଓ ଆକର୍ଷଣୀୟ ହୋଇଥାଏ। କିନ୍ତୁ ଛୋଟ ମୂର୍ତ୍ତି କରିବା ସୁବିଧା ନୁହେଁ ଏବଂ ସେଭଳି ସୌନ୍ଦର୍ଯ୍ୟମୟ ହୋଇପାରେ ନାହିଁ। ବଡ଼ ମୂର୍ତ୍ତି ଅନୁସାରେ ରୁପା ମୁକୁଟ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇଥିଲା। ଏଣୁ ଛୋଟ ମୁହଁରେ ସେସବୁ ହେବ ନାହିଁ ବୋଲି ମୂର୍ତ୍ତିକାର ବିଷ୍ଣୁ ଚରଣ ନାୟକ କହିଛନ୍ତି।

ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଆଗରୁ ବଡ଼ ହୋଇଥାଏ। ଏଣୁ ପୋଷାକ, ସାଜସଜ୍ଜା ଭଲ ଭାବରେ ହୋଇଥାଏ। ଏବେ

### କରୋନା କଟକଣା

କରୋନା କଟକଣା ପାଇଁ ପୂଜା ରୀତିନୀତି ପାରମ୍ପରିକ ଶୈଳୀରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଗୌରାଙ୍ଗ ଚରଣ ମିଶ୍ର କହିଛନ୍ତି। କୋଭିଡ୍– ୧୯ କଟକଣା ମଧ୍ୟରେ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ। ୭ଜଣରୁ ଅଧିକ ପୂଜା ସ୍ଥଳରେ ରହିବେ ନାହିଁ। ଭକ୍ତଙ୍କ ପାଇଁ ପୂଜାର୍ଚ୍ଚନା ବ୍ୟବସ୍ଥା କରାଯାଇନାହିଁ ବୋଲି କହିଛନ୍ତି। ବିନା ଶୋଭାଯାତ୍ରା ଓ ବାଜାରେ ଭସାଣି ଉତ୍ସବ ଦଶହରା ପରଦିନ ଅନୁଷ୍ଠିତ ହେବ। ବୈତରଣୀ ନଦୀରୁ କଳସରେ ପାଣି ଅଣାଯିବ। ସବୁ ବର୍ଷ ଦଶଟି କଳସରେ ପାଣି ବୁହା ହୋଇ ଆସୁଥିବା ବେଳେ ଚଳିତ ବର୍ଷ ୫ଟି କଳସରେ ପାଣି ଅଣାଯିବ। ଏଥିପାଇଁ ୭ ଜଣ ହିଁ ସାମିଲ ହେବେ। ଚଳିତ ବର୍ଷ ବ୍ୟୟ ପାଖାପାଖି ୧ ଲକ୍ଷ ଟଙ୍କା ହେବ। ତେବେ ପୂର୍ବ ବର୍ଷ ପାଖାପାଖି ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

# ଆଦିତ୍ୟଙ୍କ ପେଣ୍ଟିଂ ଜାତୀୟସ୍ତରରେ ମନୋନୀତ


ଆଦିତ୍ୟଙ୍କ ପେଣ୍ଟିଂ।

**ସୋର,୨୧।୧୦ (ଡି.ଏନ୍.ଏ.)**

ସର୍ବଭାରତୀୟସ୍ତରରେ ପ୍ରତିଷ୍ଠିତ ଚେନ୍ନାଇସ୍ଥିତ ଆର୍ଟ ହବ୍ ଗ୍ୟାଲେରି ପାଇଁ ସୋରର ଯୁବଚିତ୍ରକରଙ୍କ ପେଣ୍ଟିଂ ମନୋନୀତ ହୋଇଛି। ସୋର ଉତ୍ତରେଶ୍ୱରସ୍ଥିତ ଏଲ୍ଏନ୍ ଆର୍ଟସ୍‌ର ପ୍ରତିଷ୍ଠାତା ବ୍ରଜକିଶୋର ଜେନାଙ୍କ ପୁଅ ଆଦିତ୍ୟଙ୍କ ନେଚର ଫାଣ୍ଟାସି ଉପରେ ଆଧାରିତ ପେଣ୍ଟିଂ ଏହି ଗ୍ୟାଲେରିରେ ସ୍ଥାନିତ ହେବାକୁ ମନୋନୀତ ହୋଇଥିବା ତାଙ୍କୁ ସଂସ୍ଥା ପକ୍ଷରୁ ଇ– ମେଲ୍ ଯୋଗେ ସୂଚନା ଦିଆଯାଇଛି। ଆଦିତ୍ୟଙ୍କର ଏହି ଚିତ୍ରକଳା ବାର୍ଷିକ ଆର୍ଟ ଇଲୁଷ୍ଟ୍ରେଟେଡ୍ ମାଗାଜିନ୍‌ରେ ପ୍ରକାଶ ପାଇବ। ଏହି



କଳାକୃତି ପାଇଁ ତାଙ୍କୁ ୮୦ ହଜାର ଟଙ୍କାର ପୁରସ୍କାର ଅର୍ଥ ପ୍ରଦାନ କରାଯିବ। ଉତ୍କଳ ୟୁନିଭରସିଟି ଅଫ୍ ଆର୍ଟ କଲେଜରୁ ଫାଇନ୍ ଆର୍ଟରେ ସ୍ନାତକୋତ୍ତର କରିଥିବା ୨୫ ବର୍ଷୀୟ ଆଦିତ୍ୟ ସରକାରୀ ବିଦ୍ୟାଳୟରେ ଆର୍ଟ ଶିକ୍ଷକ ଭାବେ କାର୍ଯ୍ୟରତ। ଏହି ସଫଳତାରେ ସୋରର ଚିତ୍ରଶିଳ୍ପୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ମହିଳା


ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ମହିଳାମାନେ ଧାରଣାରେ ବସିଛନ୍ତି।

**କପ୍ତିପଦା,୨୧।୧୦(ଡ଼ି.ଏନ୍.ଏ)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ନଟୋ ପଞ୍ଚାୟତ କୁମୁଦବାଡ଼ି ଅଙ୍ଗନୱାଡି କେନ୍ଦ୍ରର ପିଲାମାନେ ୬ ମାସ ହେଲା ଏହି ଖାଦ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସମ୍ପୃକ୍ତ କେନ୍ଦ୍ରର କର୍ମୀ ଓ ସହାୟିକା ସେମାନଙ୍କୁ ଖାଦ୍ୟ ପ୍ରଦାନ କରୁ ନ ଥିବା ଅବିଭାବକମାନେ ସିଡିପିଓ ଓ କପ୍ତିପଦା ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ କିଛି ଛତୁଆ ଓ ଅଣ୍ଡା ପ୍ରଦାନ କରାଯାଇଛି। ମାତ୍ର ଅଣ୍ଡାଗୁଡ଼ିକ ପଚି ଯାଇଥିବା ବେଳେ ଛତୁଆ ଫିମ୍ପି ମାରି ଯାଇଛି। ଫଳରେ ଏହା ଖାଇବା ଅନୁପଯୋଗୀ ହୋଇପଡ଼ିଛି। ପିଲାଙ୍କ ଖାଦ୍ୟକୁ ବଣ୍ଟନ କରା ନ ଯାଇ ଘରେ ରଖି ନଷ୍ଟ କରି ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଇଥିବାରୁ ରବିବାର ଅସନ୍ତୋଷ ଉଗ୍ର ରୂପ ଧାରଣ କରିଥିଲା। ଫଳରେ ମହିଳାମାନେ ଏକତ୍ରିତ ହୋଇ ଉକ୍ତ କେନ୍ଦ୍ରରେ ତାଲା ପକାଇ ଧାରଣାରେ ବସିଥିଲେ। ଅଧିକାରୀମାନେ ଘଟଣାସ୍ଥଳକୁ ଆସି ସମସ୍ୟାର ସମାଧାନ ନ କରିବା ପର୍ଯ୍ୟନ୍ତ ଏହି ତାଲା ବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି ଗ୍ରାମର ନାଗୁରୀ ସିଂ, ଗାଙ୍ଗି ସିଂ, ମାସୁରୀ ସିଂ, ବଗୁଲି ସିଂ ଓ ଜେମାମଣୀ ସିଂ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କପ୍ତିପଦା ସିଡିପିଓ ମିତାରାଣୀ ବସାଙ୍କୁ ପଚାରିବାରୁ ଅଭିଯୋଗ ପାଇ ମୁଁ ସୁପରଭାଇଜରକୁ ପଠାଇ ସମସ୍ୟାର ସମାଧାନ କରିବା ପାଇଁ କହିଛି ବୋଲି ପ୍ରକାଶ କରିଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶିତ

**ବାଲେଶ୍ୱର ଅଫିସ,୨୧।୧୦**

ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୨୦ ମସିହାର ସ୍ନାତକ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏହି ପରୀକ୍ଷାରେ ସଫଳତାର ହାର ୮୯.୫୯% ଥିଲାବେଳେ କଳାରେ ୯୦.୯୭%, ବିଜ୍ଞାନରେ ୮୯.୭୫% ଓ ବାଣିଜ୍ୟରେ ୭୮.୪୬% ରହିଛି।

## ଯାଦବ ସଂଘର ମହାସମାବେଶ

**ବାହାନଗା, ୨୧।୧୦(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣି ପଞ୍ଚାୟତର ଭିଲ୍ଲା ଗ୍ରାମରେ ରବିବାର ଯାଦବ ସଂଘର ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାଦବ ନେତା ତଥା ରାଜ୍ୟ ବିଜେଡିର ସହ ସମ୍ପାଦକ ଜଗନ୍ନାଥ ଦାସ ଯୋଗଦେଇ ଯାଦବ ସଂଘ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାନନ ପରିଡା ଯୋଗ ଦେଇଥିଲେ। ଶ୍ରୀଶ୍ରୀ ଶ୍ରାମରାଇ ଜୀଉ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ମାଧବାନନ୍ଦ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଦବ ମହାସଂଘର ଜିଲା ସଭାପତି ରାଜକିଶୋର ଦାସ, ସମ୍ପାଦକ ସୁଶୋଭନା ବାରିକ, କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ ଦାସ, ଓଡ଼ିଶା ରାଜ୍ୟ ସମ୍ପାଦକ କୈଳାସ ବାରିକ, ବାହାନଗା ବ୍ଲକ ସଂଘ ସଭାପତି ସତ୍ୟାନନ୍ଦ ବାରିକ, ବିଶ୍ୱନାଥ ଦାସ, ବାସୁଦେବପୁର ମହାବିଦ୍ୟାଳୟ ଅଧ୍ୟାପକ ସୁବୋଧ କୁମାର ମହାନ୍ତି, ରେମୁଣାର ରବୀନ୍ଦ୍ର କୁମାର ମହାକୁଡ଼ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଯାଦବମାନଙ୍କୁ ତୃଣମୂଳ ସ୍ତରରୁ ରାଜ୍ୟସ୍ତରୀୟ ଯାଏ ସବୁପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚସଖା ଯାତ୍ରା ଏକାଡେମୀର ସମ୍ପାଦକ ଅନିରୁଦ୍ଧ ବାରିକ ଧନ୍ୟବାଦ ଦେଇଥିଲେ।

# ଭାଜପାର ପର୍ଦ୍ଦାଫାଶ ସମାବେଶ

**ଭଣ୍ଡାରିପୋଖରୀ, ୨୧।୧୦(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ବିଭିନ୍ନ ସରକାରୀ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ଭାଜପା ପକ୍ଷରୁ ପର୍ଦ୍ଦାଫାଶ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ପାଇଖାନା, ଜାତୀୟ ଖାଦ୍ୟ ସୁରକ୍ଷାରେ ରାଶନ କାର୍ଡ, ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଜବ୍‌କାର୍ଡଧାରୀଙ୍କ ଅର୍ଥ ତୋଷରପାତ, ଭତ୍ତା ପ୍ରଦାନରେ ଅନିୟମିତତା ପ୍ରମୁଖ ପ୍ରସଙ୍ଗକୁ ନେଇ ଭାଜପା ପକ୍ଷରୁ ଏହି ସମାବେଶ ହୋଇଥିଲା। ପ୍ରାରମ୍ଭରେ ବିଭିନ୍ନ ଯୋଜନାରୁ ବଞ୍ଚିତ ହିତାଧିକାରୀ, ଦଳୀୟ କର୍ମୀ ଓ ସମର୍ଥକମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରୁ ବାହାରି ବଜାର ପରିକ୍ରମା ସହ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଦଳୀୟ ନେତା ପ୍ରକାଶ ମହାପାତ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନିର୍ବାଚନ ମଣ୍ଡଳୀ ନେତା ବଦ୍ରିନାରାୟଣ ଧଳ, ମଣ୍ଡଳ ସଭାପତି ଗିରିଶ ଚନ୍ଦ୍ର ସାମଲ, ପ୍ରଫୁଲ୍ଲ କୁମାର ସାହୁ, ମୁକୁନ୍ଦ ଦେବ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ତପସ୍ୱିନୀ ମହାପାତ୍ର ପ୍ରମୁଖ ସମାବେଶରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବମୋର୍ଚ୍ଚା ସଭାପତି ସୁରେଶ ସାମଲ, ଅଜୟ ପାତ୍ର, ସୁରେଶ ଦାସ, ରବିନାରାୟଣ ସାହୁ, ସୁରେଶ ଲେଙ୍କା,ବଳରାମ ରାଉତ ପ୍ରମୁଖ ଦଳୀୟ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ୯ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ବିଜୟ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା।

## ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ, ୨ ଗିରଫ


ଜବତ ଟ୍ରକ ସହ ଗିରଫ ୨ ଅଭିଯୁକ୍ତ।

**ବଡବିଲ, ୨୧।୧୦(ସ୍ୱ.ପ୍ର)**

କେନ୍ଦୁଝର ଜିଲା ବଡବିଲ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଭଦ୍ରାସାହି ସ୍ଥିତ ୫୨ ନମ୍ବର ଜାତୀୟ ରାଜପଥ ଦେଇ ପାର ହେଉଥିବା ଏକ ଚୋରା ମାଙ୍ଗାନିଜ ବୋଝେଇ ଟ୍ରକ ଜବତ କରିବା ସହ ଘଟଣାରେ ସଂପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟର କୈଳାଶ ମହାତୋ ଏବଂ ଦିଲୀପ ପ୍ରସାଦ ସିଂହ। ଟ୍ରକରେ ପ୍ରାୟ ୨୨.୮ ମେଟ୍ରିକ ଟନ୍ ଚୋରା ମାଙ୍ଗାନିଜ ବୋଝେଇ ହୋଇଥିବା ପୋଲିସ ସୂଚନା ପାଇ ଏହାକୁ ଜବତ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ତେବେ ମାଙ୍ଗାନିଜ କେଉଁଠାରୁ ଲୋଡ କରି କେଉଁଠାକୁ ନିଆଯାଉଥିଲା ଏବଂ ଏହି ଚୋରା କାରବାରରେ ଆଉ କିଏ ସଂପୃକ୍ତ ରହିଛନ୍ତି ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ପିଟି ପିଟି ମାରିଦେଲେ

**ଠାକୁରମୁଣ୍ଡା,୨୧।୧୦(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଜରକପଞ୍ଚାୟତ ଅନ୍ତର୍ଗତ କାଠୁଆ ନୂଆଗାଁ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୫୪/୨୦) ରୁଜୁ କରି ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, କାଠୁଆନୁଆଗାଁ ଗ୍ରାମର ନୁଙ୍ଗୁ ହୋ ସୋମବାର ରାତିରେ ଘର ପାଖ କୁଚେଇଡ଼ିହି ଗ୍ରାମକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ ସେହି ଗ୍ରାମର ଦୁଇ ବ୍ୟକ୍ତିଙ୍କ ସହିତ ତାଙ୍କର ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତି ଦ୍ୱୟ ନୁଙ୍ଗୁଙ୍କୁ ପିଟିପିଟି ଗୁରୁତର କରିବା ପରେ ସେଠାରୁ ପଳାଇ ଯାଇଥିଲେ।

## ଉପଯୁକ୍ତ ବ୍ୟବହାର ଶୀର୍ଷକ ୱେବିନାର

**ବାରିପଦା ଅଫିସ,୨୧।୧୦**

କେନ୍ଦ୍ର ସରକାରଙ୍କ କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କୋଭିଡ୍ ସମୟରେ ଉପଯୁକ୍ତ ବ୍ୟବହାର ଶୀର୍ଷକ ଏକ ୱେବିନାର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲାର ଚିକିତ୍ସାଧିକାରୀ ଡା. ନିହାର ଦାସ, ଉଦଳା ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଶିବାନନ୍ଦ ମହାନ୍ତି, ଜିଲା କୋଭିଡ୍ ନୋଡାଲ ଅଫିସର ଡା. ଜ୍ଞାନେନ୍ଦ୍ର ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ସମାଜ ମଙ୍ଗଳ ଅଧିକାରିଣୀ ଅନୁସୟା ସାହୁ ପ୍ରମୁଖ ଉପସ୍ଥିତ ରହି ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଅବଲମ୍ବନ କରିବା, ହାତ ଧୋଇବା ଓ ମୁହଁକୁ ବାରମ୍ବାର ଧୋଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସବୁ ଉପାୟଗୁଡ଼ିକ ଅବଲମ୍ବନ କଲେ କରୋନା ମହାମାରୀଠାରୁ ନିଜକୁ ସୁରକ୍ଷିତ ରହିପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଅଧିକାରୀ ଯୋଗଦେଇଥିବା ବେଳେ କେନ୍ଦୁଝର କ୍ଷେତ୍ର ଜନସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଜୀବନ କୁମାର ସାମନ୍ତ ସିଂହାର ଏହାକୁ ପରିଚାଳନା କରିଥିଲେ।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଖଇରା,୨୧।୧୦(ଡି.ଏନ.ଏ.)**

ନିକଟରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ରାଇକୁଳା ଗ୍ରାମର ପବିତ୍ର ମୋହନ ତ୍ରିପାଠୀଙ୍କୁ ସ୍ଥାନୀୟ ରାଇକୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ୟୁପି ସ୍କୁଲର ପ୍ରଧାନଶିକ୍ଷକ ପିତାମ୍ବର ଭୁୟାଁ, ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ଜେନା ପ୍ରଥମେ କୃତୀଛାତ୍ର ପବିତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ବିଜୟ କୁମାର ଦ୍ୱିବେଦୀ,ପର୍ଶୁରାମ ଜେନା,ଲକ୍ଷ୍ମୀଧର ଜେନା,ଜୟନ୍ତ କୁମାର ଦାସ ଉକ୍ତ ଉତ୍ସବରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ପିତା ଗଙ୍ଗାଧର ତ୍ରିପାଠୀ ମଧ୍ୟ ଉପସ୍ଥିତ ଥିଲେ।


ପବିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ସେବା କ୍ଷେତ୍ରରେ ଓଡ଼ିଶା ପୋଲିସ କାର୍ଯ୍ୟ ପ୍ରଶଂସନୀୟ'

**ବାଲେଶ୍ୱର ଅଫିସ,୨୧।୧୦**

ବାଲେଶ୍ୱର ପୋଲିସ ପ୍ରଶାସନ ପକ୍ଷରୁ ୬୧ତମ ପୋଲିସ ଶହୀଦ ଦିବସ ବୁଧବାର ପାଳନ ହୋଇଛି। ଏହି ଅବସରରେ ପ୍ରଥମେ ଶହୀଦ ପୋଲିସମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବାଲେଶ୍ୱର ପୋଲିସ ଲାଇନ୍ ପଡ଼ିଆରେ ଆୟୋଜିତ ପରେଡ୍ ସମ୍ମିଳନୀରେ ଭାଗ ନେଇ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ କୁମାର ପଟ୍ଟନାୟକ ଅଭିବାଦନ ଗ୍ରହଣ କରିଥିଲେ। ଶାନ୍ତି ରକ୍ଷା ସହିତ ସେବା କ୍ଷେତ୍ରରେ ଓଡ଼ିଶା ପୋଲିସ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବିଶେଷ କରି ଚଳିତବର୍ଷ କୋଭିଡ୍ ରୋଗୀମାନଙ୍କୁ ପ୍ଲାଜମା ଦାନ କରି ଆମର ପୋଲିସ ବାହିନୀ ସର୍ବାଗ୍ରେ ରହି ଆଦର୍ଶ ସୃଷ୍ଟି କରିଛି। ଏହା ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ବୋଲି ଆଇଜି ପଟ୍ଟନାୟକ କହିଥିଲେ। ଏହି ଅବସରରେ ଶହୀଦ ପୋଲିସମାନଙ୍କ


ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ କୁମାର ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି।

ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସେ ସମବେଦନା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ

### ପୋଲିସ ଶହୀଦ ଦିବସ

ଅଧୀକ୍ଷକ ଦୀପକ କୁମାର ରଥ, ଗୋବିନ୍ଦ ଚନ୍ଦ୍ର ସେଠୀ, ଅମରେଶ କୁମାର ପାଣିଗ୍ରାହୀ, ମନୋରଞ୍ଜନ ସାମଲ, ଡିଏସ୍‌ପି ମନୋଜ କୁମାର ରାଉତ, ଉମେଶ କୁମାର ପଣ୍ଡା, ସଂଗ୍ରାମ କେଶରୀ ବେହେରା, ରବୀନ୍ଦ୍ର କୁମାର ସେଠୀ, ଇନ୍ସପେକ୍ଟର ଶୁଭ୍ରାଂଶୁ ଶେଖର ନାୟକ, କୃଷ୍ଣଚନ୍ଦ୍ର ପଲେଇ, କ୍ଷମା ସାଗର ପଣ୍ଡା, ମିନତୀ ବିଶ୍ୱାଳ, ଆର୍ଆଇ ଦିଲ୍ଲୀପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

